# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**10 July - 2024**

**News Editor : Tapan Kumar Moharana**

**********************************

## ମୁଖ୍ୟ ସମ୍ବାଦ

- ପୁରୀରେ ଚାଲିଛି ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

— ରତ୍ନଭଣ୍ଡାର ଖୋଲିବା ନେଇ ହେଉଛି ଆଲୋଚନା

- ଚଳିତବର୍ଷ ପାସ୍ କରିଥିବା ୯୦ ପ୍ରତିଶତ ଛାତ୍ରଛାତ୍ରୀଙ୍କୁ ଦିଆଗଲାଣି ମାଟ୍ରିକ୍ ସାର୍ଟିଫିକେଟ୍

- ରାଜ୍ୟର ପ୍ରତ୍ୟେକ ବ୍ଲକ୍ ଏବଂ ପୌରାଞ୍ଚଳରେ ୨ଟି ଲେଖାଏଁ ବିଦ୍ୟାଳୟକୁ ପିଏମ୍ଶ୍ରୀ ସ୍କୁଲରେ ସାମିଲ କରାଯିବ

ଏବଂ

- ଆଡପମଣ୍ଡପରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ଚତୁର୍ଦ୍ଧାମୂର୍ତ୍ତି

## ପରିଚାଳନା କମିଟି ବୈଠକ

ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ  ନିଳାଦ୍ରୀ ଭକ୍ତିନିବାସରେ ବର୍ତ୍ତମାନ ଜାରି ରହିଛି । ରତ୍ନଭଣ୍ଡାର ଖୋଲିବା, ରତ୍ନଭଣ୍ଡାରର ଗଣତି-ମଣତି ନେଇ ବୈଠକରେ ଆଲୋଚନା ଚାଲିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ସୂଚନାଯୋଗ୍ୟ, ଆସନ୍ତା ୧୪ ତାରିଖରେ ରତ୍ନଭଣ୍ଡାର ଖୋଲିବା ପାଇଁ ଗଣତି-ମଣତି କମିଟି ସୁପାରିଶ୍ କରିଥିବାରୁ ପରିଚାଳନା କମିଟିର ଆଜିର ବୈଠକ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି ।

# ସାର୍ଟିଫିକେଟ୍ ବଣ୍ଟନ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଗତକାଲି ରାଜ୍ୟର ୮ ହଜାର ୯୭୭ଟି ହାଇସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ମାଟ୍ରିକ୍ ସାର୍ଟିଫିକେଟ୍ ବଣ୍ଟନ କରାଯାଇଛି । ସୂଚନା ଅନୁସାରେ, ୯୦ ପ୍ରତିଶତରୁ ଅଧିକ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ୍ ଗତକାଲି ବଣ୍ଟନ କରାଯାଇଛି । ଅବଶିଷ୍ଟ ୧୦ ପ୍ରତିଶତ ସାର୍ଟିଫିକେଟ୍‌ଗୁଡ଼ିକୁ ଆଜି ବଣ୍ଟନ କରାଯାଉଛି । ଏହାସହିତ ମଧ୍ୟମା, ରାଜ୍ୟ ମୁକ୍ତ ବିଦ୍ୟାଳୟର ସାର୍ଟିଫିକେଟ୍ ମଧ୍ୟ ବଣ୍ଟନ କରାଯାଉଛି । ପାସ୍ କରିଥିବା ଛାତ୍ରଛାତ୍ରୀମାନେ ମାଟ୍ରିକ୍ ସାର୍ଟିଫିକେଟ୍ ପାଇବାରେ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ପରିଷଦ ପକ୍ଷରୁ ଗୋଟିଏ ଦିନରେ ସାର୍ଟିଫିକେଟ୍ ବଣ୍ଟନ ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

## ମୁଖ୍ୟମନ୍ତ୍ରୀ

ରୁଷର ସର୍ବୋଚ୍ଚ ସମ୍ମାନ ପାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ଶ୍ରୀ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ରୁଷିଆର ସର୍ବୋଚ୍ଚ ସମ୍ମାନ 'ଦି ଅର୍ଡର୍ ଅଫ୍ ସେଣ୍ଟ୍ ଆଣ୍ଡ୍ରିଉ, ଦି ଆପଷ୍ଟଲ୍'ରେ ସମ୍ମାନିତ କରାଯାଇଥିବାରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱକୁ ଏଭଳି ଆନ୍ତର୍ଜାତିକ ସମ୍ମାନ ମିଳିବା ସମଗ୍ର ଭାରତବର୍ଷ ପାଇଁ ଗୌରବ ଆଣିଦେଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରକାଶ କରିଛନ୍ତି।

# ମୁଖ୍ୟମନ୍ତ୍ରୀ-ନିଯୁକ୍ତି ସୁଯୋଗ

ଓଡ଼ିଶାକୁ ଶିଳ୍ପ କ୍ଷେତ୍ରରେ ଦେଶର ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରି ଯୁବକ-ଯୁବତୀଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଶିଳ୍ପ ବିଭାଗ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବା ଅବସରରେ ଧାତୁ ଓ ଖଣିଭିତ୍ତିକ ଶିଳ୍ପ ସହ ବନ୍ଦରଭିତ୍ତିକ ଶିଳ୍ପ ଏବଂ ଆଧୁନିକ ଯୁଗର ଶିଳ୍ପ ପ୍ରତିଷ୍ଠା ଦିଗରେ ଗୁରୁତ୍ୱାରୋପ କରିଛନ୍ତି । ରାଜ୍ୟରେ ଶିଳ୍ପାୟନ ପାଇଁ ଆବଶ୍ୟକ ଭିତ୍ତିଭୂମି ଲାଗି ତୁରନ୍ତ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏମ୍.ଏସ୍.ଏମ୍.ଇ. କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ମୁଦ୍ରା, ସ୍ୱନିଧି ଓ ବିଶ୍ୱକର୍ମା ଭଳି ଯୋଜନାର ସୁଯୋଗ ଉଦ୍ୟୋଗୀମାନଙ୍କ ପାଖରେ ପହଞ୍ଚିବା ଦିଗରେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦିଆଯାଇଛି ।

# ପିଏମ୍‌ଶ୍ରୀ

ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ଏବଂ ଶୈକ୍ଷିକ ଗୁଣବତ୍ତା ବୃଦ୍ଧି କରିବା ଲକ୍ଷ୍ୟରେ ରାଜ୍ୟରେ **ପିଏମ୍‌ଶ୍ରୀ** ସ୍କୁଲ୍ ଯୋଜନା ଲାଗୁ କରାଯାଇଛି । ଏହି ଯୋଜନା ଦ୍ୱାରା ପ୍ରାୟ ୮ଶହ ବିଦ୍ୟାଳୟ ଉପକୃତ ହେବେ । କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ଓ ରାଜ୍ୟ ଶିକ୍ଷା ସଚିବଙ୍କ ଉପସ୍ଥିତିରେ ଏ ନେଇ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏଥିରେ ପ୍ରତ୍ୟେକ ବ୍ଲକ ଓ ପୌରାଞ୍ଚଳର ଦୁଇଟିଲେଖାଏଁ ବିଦ୍ୟାଳୟକୁ **ପିଏମ୍‌ଶ୍ରୀ** ସ୍କୁଲରେ ବିକଶିତ କରାଯିବାର ବ୍ୟବସ୍ଥା ରହିଛି । ବିଦ୍ୟାଳୟ ଗୁଡ଼ିକରେ ଜାତୀୟ ଶିକ୍ଷାନୀତି ଅନୁଯାୟୀ ପ୍ରସ୍ତୁତ ପାଠ୍ୟକ୍ରମ ପଢ଼ାଯିବା ସହ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ଉପରେ ପ୍ରାଥମିକତା ଦିଆଯିବ ।

## ଆଡପମଣ୍ଡପ ବିଜେ

ଆଡପମଣ୍ଡପରେ ଆଜି ଶ୍ରଦ୍ଧାଳୁମାନେ ଶ୍ରୀଜୀଉଙ୍କୁ ଦର୍ଶନ କରୁଛନ୍ତି। ଆଡପ ଦର୍ଶନ ସହ ଆଜିଠାରୁ ଭକ୍ତଙ୍କୁ ଆଡ଼ପ ଅବଢ଼ା ମିଳୁଛି। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଆଡପ ଅବଢ଼ା ମିଳିପାରିବ।  ଗତକାଲି ରାତିରେ ଗୋଟି ପହଣ୍ଡିରେ ଯାଇ ଶ୍ରୀଜୀଉମାନେ ଗୁଣ୍ଡିଚା ମନ୍ଦିର ଆଡପ ମଣ୍ଡପରେ ବିଜେ କରିଥିଲେ।

# ଭିସୁଟ୍-ଏନ୍‌ବିଏ

ନ୍ୟାସନାଲ୍ ବୋର୍ଡ ଅଫ୍ ଆକ୍ରିଡେସନ୍ ଟିମ୍ **ସମ୍ବଲପୁର** ଜିଲ୍ଲା ବୀରସୁରେନ୍ଦ୍ରସାଏ ବୈଷୟିକ ବିଶ୍ୱବିଦ୍ୟାଳୟ-**ଭିସୁଟ୍**କୁ  ଆସନ୍ତା ୨୬ ତାରିଖରେ ଆସି ବିଶ୍‌ବିଦ୍ୟାଳୟର ଅଧିସ୍ୱୀକୃତିର ସମୀକ୍ଷା କରିବ।

ଏନ୍‌ବିଏ ଦଳ କ୍ଲାସ୍‌ରୁମ୍, ଲାଇବ୍ରେରୀ, ଲାବୋରାଟୋରୀ, ଅଧ୍ୟାପକ-ଛାତ୍ରଛାତ୍ରୀ ଅନୁପାତ ପରଖିବ। ଭିସୁଟ୍‌କୁ ନାକ୍ ଟିମ୍ ମଧ୍ୟ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି ବୋଲି କୁଳପତି କହିଛନ୍ତି।

## ଯୁଗ୍ମ ଅଭିଯୋଗ ଶୁଣାଣି

**ଗଞ୍ଜାମ** ଜିଲ୍ଲା କବିସୂର୍ଯ୍ୟନଗର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୫୫୮ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୧୮ଟି ବ୍ୟକ୍ତିଗତ ଓ ୫୪୦ଟି ସାମୂହିକ ଅଭିଯୋଗ ରହିଥିଲା। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଅଭିଯୋଗକାରୀମାନେ ଏଥିରେ ଯୋଗଦେଇଥିଲେ। ଗଞ୍ଜାମ ଏସ୍.ପି. ଜଗମୋହନ ମୀନା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତାଙ୍କ ସମେତ ସ୍ଥାନୀୟ ବିଡିଓ, ତହସିଲଦାର ଜନଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଶିଶୁଶ୍ରମିକ କର୍ମଶାଳା

**ନୂଆପଡା** ଜିଲ୍ଲା ଖଡିଆଳ ନଗର କଲ୍ୟାଣମଣ୍ଡପ-୨'ଠାରେ ଶିଶୁ ଶ୍ରମିକ ଉଚ୍ଛେଦ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଖଡିଆଳ ସମନ୍ୱିତ ଶିଶୁ ଓ ମହିଳା ବିକାଶ ଅଧିକାରୀ ମୀନା ଗୁପ୍ତାଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ସଚେତନତା ଦ୍ୱାରା ଶିଶୁଶ୍ରମିକ ଉଚ୍ଛେଦ ହେବା ସୁନିଶ୍ଚିତ ବୋଲି ମତ ପ୍ରକାଶ କରିଥିଲେ। ଶିଶୁ ଶ୍ରମିକ

ଉଚ୍ଛେଦ କରିବା ପାଇଁ ୧୧୨ କିମ୍ବା ୧୦୯୮ ଟୋଲ୍ ଫ୍ରି ନମ୍ବରରେ ଟେଲିଫୋନ୍ କରି ଅଭିଯୋଗ ଦାଖଲ କରିପାରିବେ।

## ମିଶନଶକ୍ତି-ତାଲିମ ଶିବିର

ରାଜ୍ୟ ମିଶନଶକ୍ତି ବିଭାଗ, ରାଜ୍ୟ ମହିଳା ଓ ଶିଶୁବିକାଶ ବିଭାଗ, ଭଦ୍ରକ ଜିଲ୍ଲା ସମାଜ ମଙ୍ଗଳ ଶାଖା, ଜିଲ୍ଲା ପ୍ରଶାସନ ଓ ୟୁନିସେଫର ମିଳିତ ଉଦ୍ୟମରେ ଭଦ୍ରକ ଡିଆରଡିଏ ସଭାଗୃହଠାରେ ଦୁଇଦିନିଆ ଉତ୍ତମ ପୋଷଣ ଓ ଶିଶୁ ସ୍ୱାସ୍ଥ୍ୟ ସଂକ୍ରାନ୍ତ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁମାନଙ୍କ ଓଜନ, ଉଚ୍ଚତା ଏବଂ ପୋଷଣ ନେଇ ଏଥିରେ ଆଲୋଚନା ହୋଇଥିଲା।

## କ୍ୟାବିନେଟ୍

ଏଇମାତ୍ର ମିଳିଥିବା ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରୁ ମିଳିଥିବା ସୂଚନା ଅନୁସାରେ, ୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଦଳ ପକ୍ଷରୁ ଦିଆଯାଇଥିତା ପ୍ରତିଶ୍ରୁତି ଆଧାରରେ ଆଶା ଆକାଂକ୍ଷାକୁ ପୂର୍ଣ୍ଣ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ବୈଠକ ପରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ଆବେଦନ ତାରିଖ

ଅନ୍ତର୍ଜାତୀୟ ଯୋଗଦିବସ-୨୦୨୪ର ପ୍ରଚାର ପ୍ରସାରରେ ଗଣମାଧ୍ୟମର ସକାରାତ୍ମକ ଭୂମିକା ଓ ଦାୟିତ୍ୱକୁ ଦୃଷ୍ଟିରେ ରଖି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ତୃତୀୟ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ଗଣମାଧ୍ୟମ ସମ୍ମାନ- **AYDMS**-୨୦୨୪ ପାଇଁ ଆବେଦନ ଦାଖଲର ଶେଷ ତାରିଖକୁ ଜୁଲାଇ ମାସ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।  ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଏହି ସମ୍ମାନ ପାଇଁ ସେମାନଙ୍କ ଆବେଦନ ଏବଂ ବିଷୟବସ୍ତୁ ଜୁଲାଇ ମାସ ୧୫ ତାରିଖ ସୁଦ୍ଧା **aydms.2024.mib@gmail.com** କୁ ପଠାଇ ପାରିବେ। ଏଥିରେ ଅଂଶଗ୍ରହଣ ପାଇଁ ବିସ୍ତୃତ ମାର୍ଗଦର୍ଶିକା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ ପତ୍ର ସୂଚନା କାର୍ଯ୍ୟାଳୟ  ୱେବ୍‌ସାଇଟ୍‌ରେ ଉପଲବ୍ଧ ହେଉଛି।

## ଡେଙ୍ଗୁ ଚିହ୍ନଟ-ପୁନଃ ସର୍ଭେ

ରାଜ୍ୟରେ ଗତ ୫ ବର୍ଷ ମଧ୍ୟରେ ଡେଙ୍ଗୁ ଚିହ୍ନଟ ହୋଇଥିବା ଅଂଚଳଗୁଡ଼ିକୁ ପୁନଃ ସର୍ଭେ କରିବା ଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ସବୁ ଜିଲ୍ଲାପାଳ ଏବଂ ମ୍ୟୁନିସ୍‌ପାଲିଟି କମିଶନରଙ୍କୁ ଚିଠି ଲେଖି ସ୍ୱାସ୍ଥ୍ୟ ସଚିବ ସର୍ଭେ ସଂକ୍ରାନ୍ତ ତଥ୍ୟ ଦାଖଲ କରିବାକୁ ଅନୁରୋଧ କରିଛନ୍ତି। ସେହିସବୁ ଅଂଚଳରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଗୁଆ ପଦକ୍ଷେପ ନେବାଲାଗି ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି। ବର୍ଷାଋତୁ ଆରମ୍ଭ ହୋଇଥିବାରୁ ଡେଙ୍ଗୁ ଏବଂ ମ୍ୟାଲେରିଆ ସଂକ୍ରମଣକୁ ପ୍ରତିହତ କରିବା

ଲକ୍ଷ୍ୟରେ ଜନସଚେତନତା ବୃଦ୍ଧି ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି ।

## ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ସକ୍ରିୟ ରହିଛି । ମୌସୁମୀର ପ୍ରଭାବରେ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେଉଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୧୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

*******************************